ନବଦୀପ

ବନାମ

ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ

ମେ 3,2006

[ଅରିଜିତ୍ ପଶାୟତ ଏବଂ ଆର୍. ଭି. ରଭୀନ୍ଦ୍ରନ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ସମାପ୍ତି - ଚୟନ ସମୟରେ ହେରଫେର ହୋଇଥିବା ମାର୍କସିଟ୍ ଦାଖଲ କରିବା -ଚୟନ ପାଇଁ ଯୋଗ୍ୟତାକୁ ପ୍ରଦର୍ଶିତ କରିବା ପାଇଁ ହେରଫେର କରାଯାଇଥିଲା ବୋଲି ଯାଞ୍ଚ ଅଧିକାରୀଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଛି - ନିର୍ଣ୍ଣୟ ହେଲା: ତଦନ୍ତ ଅଧିକାରୀଙ୍କ ଉପସଂହାରକୁ ଅଯୌକ୍ତିକ ବୋଲି କୁହାଯାଇପାରିବ ନାହିଁ ଯେଉଁଥିରେ କୌଣସି ହସ୍ତକ୍ଷେପ କରାଯାଇପାରିବ - ତେବେ, କର୍ମଚାରୀ ତ୍ରୁଟିଶୂନ୍ୟ ରେକର୍ଡ ସହିତ 10 ବର୍ଷ କାର୍ଯ୍ୟ କରିଥିବାରୁ, ସରକାର ତାଙ୍କର ପୁନଃନିଯୁକ୍ତି ଉପରେ ବିଚାର କରିପାରନ୍ତି - ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ।*

**ଆବେଦନକାରୀ, ସରକାରୀ ବିଦ୍ୟାଳୟର ଜଣେ ଶିକ୍ଷକ, ଚୟନ ସମୟରେ ସେ ହେରଫେର କରାଯାଇଥିବା ମାର୍କସିଟ୍ ଦାଖଲ କରିଥିବା କାରଣରୁ ଚାକିରିରୁ ବରଖାସ୍ତ ହୋଇଥିଲେ । ସମାପ୍ତି ଆଦେଶକୁ ଆପତ୍ତି କରି ସେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ । ଏକ ତଦନ୍ତ କରାଯାଇଥିଲା । ଅନୁସନ୍ଧାନ ଅଧିକାରୀ ଏକ ରିପୋର୍ଟ ଦାଖଲ କରି ଦର୍ଶାଇଥିଲେ ଯେ ମାର୍କସିଟରେ ମୋଟ ମାର୍କ ସମାନ ଥିବାବେଳେ, ଗୋଟିଏ ବିଷୟରେ ମାର୍କ ହ୍ରାସ ଏବଂ ଅନ୍ୟଟିରେ ବୃଦ୍ଧି ଘଟିଛି ଏବଂ ଯଦିଓ ସେ ଏଥିରୁ କୌଣସି ଲାଭ ପାଇ ନଥିଲେ, ତଥାପି ହେରଫେର କରିବାର ସ୍ୱଷ୍ଟ ଉଦ୍ଦେଶ୍ୟ ଥିଲା ସରକାରୀ ଚାକିରି ପାଇବାକୁ ଯୋଗ୍ୟ ହେବା ପାଇଁ ଆବଶ୍ୟକ ମାର୍କର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ହାସଲ କରିବା । ଉଚ୍ଚ ନ୍ୟାୟାଳୟ ଏହି ରିପୋର୍ଟକୁ ଗ୍ରହଣ କରିଥିଲେ ଏବଂ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ । ତେଣୁ ବର୍ତ୍ତମାନର ଏହି ଅପିଲ ।**

**ଅପିଲ ଗୁଡ଼ିକର ଫଇସଲା କରି, ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: ତଦନ୍ତ ଅଧିକାରୀଙ୍କ ରିପୋର୍ଟ ତାଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବା ବିଷୟ ଗୁଡିକର ମୂଲ୍ୟାଙ୍କନ ଉପରେ ଆଧାରିତ I ଆବେଦନକାରୀଙ୍କ ଦ୍ୱାରା କୌଣସି ବିବାଦ ଉଠାଯାଇ ନାହିଁ ଯେ ସେ ଅର୍ଥନୀତିରେ 124 ନୁହେଁ ବରଂ 86 ନମ୍ବର ପାଇଥିଲେ, ଏବଂ ସେହିପରି କମ୍ପ୍ୟୁଟର ଆପ୍ଲିକେସନ୍‌ରେ 102 ନୁହେଁ ବରଂ 140 ନମ୍ବର ପାଇଥିଲେ I ଏହି ପରିବର୍ତ୍ତନର ସ୍ୱଷ୍ଟ ଉଦ୍ଦେଶ୍ୟ ହେଉଛି ଏହା ଦର୍ଶାଇବା ଯେ ସେ ନିର୍ଦ୍ଦିଷ୍ଟ ପ୍ରତିଶତ ମାର୍କ ହାସଲ କରିଛନ୍ତି ଯାହା ତାଙ୍କୁ ଉଚ୍ଚତର ପାଠ୍ୟକ୍ରମରେ ନାମଲେଖା ପାଇଁ ଯୋଗ୍ୟ କରିଥିଲା I ତଦନ୍ତ ଅଧିକାରୀଙ୍କ ଉପସଂହାରକୁ ଅଯୌକ୍ତିକ ବୋଲି କୁହାଯାଇପାରିବ ନାହିଁ, ଯେଉଁଥିପାଇଁ ହସ୍ତକ୍ଷେପ ଆବଶ୍ୟକ ହେବ I ତେଣୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଦୋଷ ଦିଆଯାଇପାରିବ ନାହିଁ I କିନ୍ତୁ ସେହି ସମୟରେ ଉତ୍ତରଦାତାମାନେ ଏହା ଉପରେ ବିବାଦ କରନ୍ତି ନାହିଁ ଯେ ଆବେଦନକାରୀଙ୍କର ପ୍ରବେଶ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଅଛି, ଯଦିଓ ହେରଫେର ମାର୍କ ବିଚାରକୁ ନିଆଯାଏ ନାହିଁ I ମାର୍କ ସିଟରେ ହେରଫେର କରୁଥିବା ଜଣେ ବ୍ୟକ୍ତିଙ୍କୁ କୌଣସି ପ୍ରକାରର ଅନୁକମ୍ପା ଦେଖାଇବା ଉଚିତ୍ ନୁହେଁ I କିନ୍ତୁ ସେ ପ୍ରାୟ କୌଣସି କଳଙ୍କ ବିନା ପ୍ରାୟ 10 ବର୍ଷ ସେବା ପ୍ରଦାନ କରିଥିଲେ ଏବଂ ତାଙ୍କର ଶିକ୍ଷାଗତ ରେକର୍ଡ ଭଲ ଥିବା ପରି ମନେହୁଏ, ମାମଲାର ଏହି ବିଶେଷ ତଥ୍ୟ ଉପରେ, ସରକାରଙ୍କୁ ବିଚାର କରିବାକୁ ପଡିବ ଯେ ହେରଫେର ମାର୍କକୁ ଅଣଦେଖା କରି ତାଙ୍କୁ ନୂତନ ନିଯୁକ୍ତି ଦିଆଯାଇପାରିବ କି ନାହିଁ I ଏହା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ବିଚାର ଉପରେ ନିର୍ଭର କରେ, ଏବଂ କୌଣସି ଆଦେଶ ଜାରି କରାଗଲା ନାହିଁ I**

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 2447/2006 I

C.W.P. ସଂଖ୍ୟା 14654/2003ରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 12.8.2004 ତାରିଖର ରାୟ ଏବଂ ଆଦେଶରୁ I

ଆବେଦନକାରୀ ପାଇଁ ସୁଧୀର ୱାଲିଆ ଏବଂ ମହିନ୍ଦର ସିଂ ଦହିଆ I

ଉତ୍ତରଦାତାମାନଙ୍କ ପାଇଁ ଏସ୍.କେ. ଗମ୍ଭୀର, ଏ.ଏସ୍. ସୋନାଲ, ସରୂପ ସିଂହ, ଆର୍.କେ. ପାଣ୍ଡେ, ଅରୁଣ କେ. ସିହ୍ନା, ରାମ ଏକବଲ ରୟ, ହର୍ଷବର୍ଦ୍ଧନ ଝା ଏବଂ ଏମ୍.ପି. ଝା I

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ**ଙ୍କ ଦ୍ୱାରା । ଅନୁମତି ପ୍ରଦାନ କରାଗଲା ।

ଏହି ଅପିଲରେ ଆପତ୍ତି ହେଉଛି, ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଦ୍ୱାରା ପ୍ରଦାନ କରାଯାଇଥିବା ରାୟର ବୈଧତା ଉପରେ, ଯେଉଁ ରାୟରେ ଆବେଦନକାରୀଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନକୁ ଖାରଜ କରାଯାଇଛି, ଯିଏ ଉତ୍ତରଦାତା 1 ରୁ 4 ଅର୍ଥାତ୍ ପଞ୍ଜାବ ରାଜ୍ୟ ଏବଂ ଏହାର କର୍ମକର୍ତ୍ତାଙ୍କ ଦ୍ୱାରା ତାଙ୍କର ସେବା ସମାପ୍ତି ଉପରେ ପ୍ରଶ୍ନ ଉଠାଇଥିଲେ । ଚାକିରି ପାଇବା ପାଇଁ ସେ ତାଙ୍କ ମାର୍କସିଟରେ ହେରଫେର କରିଛନ୍ତି ବୋଲି ଦର୍ଶାଇ ଏହି ବରଖାସ୍ତ ଆଦେଶ ପାରିତ କରାଯାଇଥିଲା । ତଦନ୍ତ କରାଯାଇଥିଲା ଏବଂ ଏହା ଜାଣିବାକୁ ମିଳିଥିଲା ଯେ ସେ ମାର୍କସିଟ୍ ହେରଫେର କରିଥିଲେ ।

ସଂକ୍ଷେପରେ ତଥ୍ୟର ପୃଷ୍ଠଭୂମି ନିମ୍ନରେ ଦିଆଗଲା:

ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଆବେଦନକାରୀ, ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ଅମୃତସର (ସଂକ୍ଷେପରେ 'ବିଶ୍ୱବିଦ୍ୟାଳୟ'), ଉତ୍ତରଦାତା ସଂଖ୍ୟା 5 ଅଧୀନରେ ଥିବା ପଞ୍ଜାବର ବାଟାଲାସ୍ଥିତ ଆର୍.ଆର୍. ବାୱା, ଡି.ଏ.ଭି. ବାଳିକା ମହାବିଦ୍ୟାଳୟରେ ଯୋଗ ଦେଇଥିଲେ । 1995 ମସିହା ଜୁନ୍ ମାସରେ ସେ ବି.ଏସ୍.ସି. (ଅର୍ଥନୀତି), ତୃତୀୟ ଭାଗ ପରୀକ୍ଷାରେ 800 ମାର୍କରୁ 418 ମାର୍କ ହାସଲ କରି ଉତ୍ତୀର୍ଣ୍ଣ ହୋଇଥିଲେ । ଦାଖଲ ହୋଇଥିବା ମାର୍କ ତାଲିକା ଆଧାରରେ, ସେ ବିଶ୍ୱବିଦ୍ୟାଳୟ ଅଧୀନରେ ବି.ଏଡ. ପାଠ୍ୟକ୍ରମରେ ଭର୍ତ୍ତି ହୋଇଥିଲେ ଏବଂ ବି.ଏଡ. ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇଥିଲେ । ଗଣିତ ପଢ଼ାଇବା ପାଇଁ ସେ ଏକ ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟ ଅର୍ଥାତ୍ ବେଦ କୌର ଆର୍ଯ୍ୟ ବାଳିକା ଉଚ୍ଚ ବିଦ୍ୟାଳୟ, କ୍ୱାଡିଆନ୍, ଗୁରୁଦାସପୁରରେ ଜେ.ବି.ଟି. ଶିକ୍ଷକ ଭାବରେ ମନୋନୀତ ହୋଇଥିଲେ । ଜଣେ ଶିକ୍ଷକ ଭାବେ କାର୍ଯ୍ୟ କରିବା ସମୟରେ ସେ ପଞ୍ଜାବ ବିଶ୍ୱବିଦ୍ୟାଳୟ, ପଟିଆଲାରୁ ଚିଠିପତ୍ର ପାଠ୍ୟକ୍ରମ ଦ୍ୱାରା ଏମ.ଏ. (ଅର୍ଥନୀତି) ପରୀକ୍ଷା ସମାପ୍ତ କରିଥିଲେ । ସେ ଜେ.ବି.ଟି. ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ସମୟରେ ଏକ ଖବର ପ୍ରକାଶ ପାଇଥିଲା, ଯେଉଁଥିରେ ଦର୍ଶାଯାଇଥିଲା ଯେ 55 ଜଣ ଶିକ୍ଷକ ନକଲି ଡିଗ୍ରୀ ହାସଲ କରିଛନ୍ତି ଏବଂ ସେମାନଙ୍କ ସେବା ସମାପ୍ତ କରାଯାଇଛି । ଆବେଦନକାରୀଙ୍କ ନାମ ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା । ଏକ ଜନସ୍ୱାର୍ଥ ମକଦ୍ଦମାରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ଆଧାରରେ ବରଖାସ୍ତ ଆଦେଶ ପାରିତ କରାଯାଇଥିଲା । ଆବେଦନକାରୀ ଜାଣିବାକୁ ପାଇଲେ ଯେ ତାଙ୍କ ବିଷୟରେ ଅଭିଯୋଗ ବି.ଏସ୍.ସି. ତୃତୀୟ ଭାଗରେ

ମାର୍କ ହେରଫେର ଅଭିଯୋଗ ସହିତ ଜଡିତ, ଅର୍ଥାତ୍ ସେ ବାସ୍ତବରେ ଅର୍ଥନୀତିରେ 124 ନୁହେଁ ବରଂ 86 ମାର୍କ ହାସଲ କରିଥିଲେ, ଏବଂ କମ୍ପ୍ୟୁଟର ଆପ୍ଲିକେସନରେ ସେ 102 ନୁହେଁ ବରଂ 140 ମାର୍କ ହାସଲ କରିଥିଲେ, ଯାହା ତାଙ୍କ ଦ୍ୱାରା ଉପସ୍ଥାପିତ ମାର୍କସିଟରେ ଦର୍ଶାଯାଇଥିଲା । ବିଶ୍ୱବିଦ୍ୟାଳୟର ନଥି ଯାଞ୍ଚ ପରେ ଏହା ସ୍ପଷ୍ଟ ହୋଇଥିଲା ଯେ ତାଙ୍କର ମୋଟ ମାର୍କ ସମାନ ଥିବାବେଳେ କମ୍ପ୍ୟୁଟର ଆପ୍ଲିକେସନ୍ ମାର୍କରେ ବୃଦ୍ଧି ଘଟିଥିବା ବେଳେ ଅର୍ଥନୀତିର ମାର୍କରେ ହ୍ରାସ ଘଟିଥିଲା । ତାଙ୍କ ସେବା ସମାପ୍ତିକୁ ଆପତ୍ତି କରି ଏକ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଉତ୍ତରଦାତା ଏବଂ ବିଶ୍ୱବିଦ୍ୟାଳୟକୁ ନୋଟିସ୍ ଜାରି କରିଥିଲେ । ବିଶ୍ୱବିଦ୍ୟାଳୟ ଦ୍ୱାରା ଏକ ତଦନ୍ତ କରାଯାଇଥିଲା ଏବଂ ଅନୁସନ୍ଧାନ ଅଧିକାରୀ ଏକ ରିପୋର୍ଟ ଦାଖଲ କରିଥିଲେ ଯାହା ସ୍ପଷ୍ଟ ଭାବରେ ସୂଚିତ କରିଥିଲା ଯେ ଗୋଟିଏ ବିଷୟରେ ମାର୍କ ହ୍ରାସ ଏବଂ ଅନ୍ୟଟିରେ ବୃଦ୍ଧି ଘଟିଥିଲା । ଆବେଦନକାରୀଙ୍କ ଆଭିମୁଖ୍ୟ ଥିଲା ଯେ ସେ ଆରୋପିତ ହେରଫେରରୁ କୌଣସି ସୁବିଇଧା ପାଇ ନାହାଁନ୍ତି ଏବଂ ସେ ଏଥିପାଇଁ ଦାୟୀ ନୁହଁନ୍ତି । କିନ୍ତୁ ତାଙ୍କ ଦାବିକୁ ଗ୍ରହଣ କରାଯାଇ ନଥିଲା । ଯଦିଓ ଅନୁସନ୍ଧାନ ଅଧିକାରୀ ଜାଣିବାକୁ ପାଇଲେ ଯେ ସେ ଏଥିରୁ କୌଣସି ସୁବିଧା ପାଇ ନଥିଲେ, ତଥାପି ଅନୁସନ୍ଧାନ ରିପୋର୍ଟରୁ ଜଣାପଡିଥିଲା ଯେ ହେରଫେରର ସ୍ପଷ୍ଟ ଉଦ୍ଦେଶ୍ୟ ନାମଲେଖା ପାଇଁ ଯୋଗ୍ୟ ହେବା ପାଇଁ ଆବଶ୍ୟକ ମାର୍କର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ହାସଲ କରିବା । ସମ୍ପୃକ୍ତ ଦସ୍ତାବିଜ ଗୁଡିକ ଯାଞ୍ଚ କରିବା ପରେ, ଏହି ସିଦ୍ଧାନ୍ତ ନିଆଯାଇଥିଲା ଯେ ସେ ମାର୍କସିଟ୍ ରେ ହେରଫେର କରିଥିଲେ । ଏହା ସିଦ୍ଧାନ୍ତ ନିଆଯାଇଥିଲା ଯେ ହେରଫେର କରିବାର କେବଳ ଗୋଟିଏ ଉଦ୍ଦେଶ୍ୟ ଥିଲା ଅର୍ଥାତ୍ ଜଣେ ଶିକ୍ଷକ ଭାବରେ ସରକାରୀ ଚାକିରିରେ ବିଭିନ୍ନ ପ୍ରବେଶ ଏବଂ ଚୟନରେ ସୁବିଧା ଉଠାଇବା । ଉଚ୍ଚ ନ୍ୟାୟାଳୟ ଏହି ରିପୋର୍ଟକୁ ଗ୍ରହଣ କରିଥିଲେ ଏବଂ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଯାଞ୍ଚ ଅଧିକାରୀ ସ୍ୱୟଂ ବିଚାର କରିଥିଲେ ଯେ ଆବେଦନକାରୀ କୌଣସି ସୁବିଧା ନେଇ ନାହାଁନ୍ତି । ଯେକୌଣସି ପରିସ୍ଥିତିରେ ତାଙ୍କର ଶିକ୍ଷକ ପଦବୀ ପାଇଁ ଆବଶ୍ୟକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାଠାରୁ ଅଧିକ ଯୋଗ୍ୟତା ଥିଲା, ତେଣୁ, ବିବାଦୀୟ ମାର୍କକୁ ଅଣଦେଖା କରି ମଧ୍ୟ ସେ ସ୍ପଷ୍ଟ ଭାବରେ ଯୋଗ୍ୟ ଥିଲେ ।

ଉତ୍ତରରେ, ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଯିଏ ନ୍ୟାୟ ପାଇବାକୁ ଚାହାଁନ୍ତି ସେ ନ୍ୟାୟସଂଗତତା ସହିତ ଆସିବା ଆବଶ୍ୟକ। ଯାଞ୍ଚ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବା ବିଭିନ୍ନ ଦସ୍ତାବିଜରୁ ସ୍ପଷ୍ଟ ଭାବେ ଜଣାପଡ଼େ ଯେ ଏହି ହେରଫେର ପାଇଁ ନିଜେ ଆବେଦନକାରୀ ଦାୟୀ ଥିଲେ । ତାଙ୍କର ତଥାକଥିତ ଅଜ୍ଞାନତା ଏବଂ ନିର୍ଦ୍ଦୋଷତାର ଦାବି କରିବା ସ୍ପଷ୍ଟ ଭାବରେ ଅସମର୍ଥନୀୟ। ଯେତେବେଳେ ଏହା ଲକ୍ଷ୍ୟ କରାଯାଇଥିଲା ଯେ ସେ ଧରାପଡ଼ିଛନ୍ତି, ଏକ ଦୁର୍ବଳ ଯୁକ୍ତି ନିଆଯାଇଥିଲା ଯେ ସେ ସରକାରୀ ରେକର୍ଡ ସହିତ ମାର୍କର ସଠିକତା ଯାଞ୍ଚ କରିନଥିଲେ। ଯେଉଁ ମହାବିଦ୍ୟାଳୟରୁ ମାର୍କସିଟ୍ ନିଆଯାଇଥିଲା, ସେହି ମହାବିଦ୍ୟାଳୟର ନଥିରେ ସଠିକ୍ ମାର୍କ ଲିପିବଦ୍ଧ ହୋଇଥିଲା । ସେ ମାର୍କ ଯାଞ୍ଚ କରିବାର ସଙ୍କେତ ସ୍ୱରୂପ ଦସ୍ତଖତ କରିଥିଲେ ।

ଯାଞ୍ଚ ଅଧିକାରୀଙ୍କ ରିପୋର୍ଟ ତାଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବା ତଥ୍ୟର ମୂଲ୍ୟାଙ୍କନ ଉପରେ ଆଧାରିତ । ଆବେଦନକାରୀଙ୍କ ଦ୍ୱାରା କୌଣସି ବିବାଦ ଉଠାଯାଇନାହିଁ ଯେ ବାସ୍ତବରେ ସେ ଅର୍ଥନୀତିରେ ୪6 ମାର୍କ ହାସଲ କରିଥିଲେ ଏବଂ 124 ନୁହେଁ, ଏବଂ ସେହିପରି କମ୍ପ୍ୟୁଟର ଆପ୍ଲିକେସନରେ ସେ 140 ମାର୍କ ହାସଲ କରିଥିଲେ, 102 ନୁହେଁ । ଯାଞ୍ଚ ଅଧିକାରୀଙ୍କ ଦ୍ୱାରା ଯଥାର୍ଥ ଭାବରେ ଲକ୍ଷ୍ୟ କରାଯାଇଥିବା ପରିବର୍ତ୍ତନର ସ୍ପଷ୍ଟ ଉଦ୍ଦେଶ୍ୟ ହେଉଛି ଏହା ପ୍ରମାଣିତ କରିବା ଯେ ସେ କିଛି ପ୍ରତିଶତ ନମ୍ବର ପାଇଥିଲେ ଯାହା ତାଙ୍କୁ ଉଚ୍ଚ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଯୋଗ୍ୟ କରିଥିଲା । କୌଣସି ପରିସ୍ଥିତିରେ, ତଦନ୍ତ ଅଧିକାରୀଙ୍କ ଉପସଂହାରକୁ ଅଯୌକ୍ତିକ ବୋଲି କୁହାଯାଇପାରିବ ନାହିଁ ଯେଉଁଥିରେ ହସ୍ତକ୍ଷେପ କରାଯାଇପାରିବ । ତେଣୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଦୋଷ ଦିଆଯାଇପାରିବ ନାହିଁ।

କିନ୍ତୁ ସେହି ସମୟରେ ଉତ୍ତରଦାତାମାନେ ଏହା ଉପରେ ବିବାଦ କରନ୍ତି ନାହିଁ ଯେ ଆବେଦନକାରୀଙ୍କର ପ୍ରବେଶ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଅଛି, ଯଦିଓ ହେରଫେର ମାର୍କକୁ ବିଚାରକୁ ନିଆଯାଏ ନାହିଁ। ଉତ୍ତରଦାତା-ରାଜ୍ୟ ପାଇଁ ବିଜ୍ଞ ଓକିଲ ତାଙ୍କ ଉପସ୍ଥାପନରେ ଯଥାର୍ଥ ଯେ ଜଣେ ବ୍ୟକ୍ତି ଯିଏ ମାର୍କସିଟ୍ ହେରଫେରର ଆଶ୍ରୟ ନିଅନ୍ତି ତାଙ୍କୁ କୌଣସି ନମନୀୟତା ଦେଖାଇବା ଉଚିତ୍ ନୁହେଁ। କିନ୍ତୁ ଏହି ଘଟଣାର ବିଶେଷ ତଥ୍ୟ ଉପରେ ବିଚାର କରି ଯେ ସେ ପ୍ରାୟ 10 ବର୍ଷ ନିଷ୍କଳଙ୍କ ସେବା ପ୍ରଦାନ କରିଥିଲେ ଏବଂ ତାଙ୍କର ଶିକ୍ଷାଗତ ରେକର୍ଡ ଭଲ ଥିବା ପରି ମନେହୁଏ, ସରକାର ବିଚାର କରିବା ଉଚିତ ଯେ ହେରଫେର ହୋଇଥିବା ମାର୍କକୁ ଅଣଦେଖା କରି

ତାଙ୍କୁ ନୂତନ ନିଯୁକ୍ତି ଦିଆଯାଇପାରିବ କି ନାହିଁ । ସ୍ୱତନ୍ତ୍ର ପରିସ୍ଥିତିକୁ ବିଚାରକୁ ନେଇ, ବିଭିନ୍ନ କାରଣକୁ ବିଚାରକୁ ନେଇ ଏହି ପ୍ରସଙ୍ଗକୁ ଏହାର ଉପଯୁକ୍ତ ଦୃଷ୍ଟିକୋଣରେ ବିଚାର କରାଯାଇପାରେ । ଏହା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ବିଚାର ଉପରେ ନିର୍ଭର କରେ, ଏବଂ ଆମ ଦ୍ୱାରା କୌଣସି ଆଦେଶ ଜାରି କରାଗଲା ନାହିଁ ।

ସେହି ଅନୁଯାୟୀ ଅପିଲଟିର ଫଇସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଡି.ଜି. ଅପିଲ ଫଇସଲା ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।